# ପଞ୍ଚାୟତ ସେକ୍ରେଟେରୀମାନଙ୍କ ସପକ୍ଷରେ

୦୨/୧୦/୧୯୮୮

ଓଡ଼ିଶାର ୪ ହଜାରରୁ ଉର୍ଦ୍ଧ୍ୱ ଗ୍ରାମପଞ୍ଚାୟତ ସଂପାଦକମାନେ ଗତ ୨୮ ତାରିଖରେ ଏକ ବିରାଟ ର୍‍ୟାଲିରେ ଆସି ବିଧାନସଭା ସମ୍ମୁଖରେ ଧାରଣା ଦେଇଥିଲେ । ତା'ପରଠାରୁ ପ୍ରତିଦିନ ବିଭିନ୍ନ ଜିଲ୍ଲା ତରଫରୁ ସଂପାଦକମାନେ ତାଙ୍କ ଧାରଣା ଅବ୍ୟାହତ ରଖିଛନ୍ତି । ସେକ୍ରେଟେରୀମାନଙ୍କ ତରଫରୁ ମୁଖ୍ୟତଃ ୩ ଗୋଟି ଦାବୀ ଉପସ୍ଥାପିତ କରାଯାଇଛି । ସେମାନଙ୍କୁ ଏକ ସ୍ୱତନ୍ତ୍ର କ୍ୟାଡରଭୁକ୍ତ କରାଯାଉ, ତାଙ୍କର ନିଯୁକ୍ତି ଏବଂ ଅବ୍ୟାହତି ସଂପର୍କିତ ଆଇନର ୨୧୬ ଧାରାରେ ଆବଶ୍ୟକ ସଂଶୋଧନ କରାଯାଇ ସେମାନଙ୍କୁ ସର୍ବନିମ୍ନ ସୁରକ୍ଷା ପ୍ରଦାନ କରାଯାଉ ଏବଂ ସେମାନଙ୍କର ପାରିଶ୍ରମିକ ବାବଦକୁ ଅନ୍ୟୂନ ୩୦୦ ରୁ ୫୦୦ ଟଙ୍କା ଦିଆଯାଉ ।

ବିଧାନସଭା ଅଧିବେଶନ ଆରମ୍ଭ ସମୟରେ ବିଭିନ୍ନ ଅନୁଷ୍ଠାନ ଏବଂ ସଂଗଠନ ଗୁଡ଼ିକ ପକ୍ଷରୁ ଏହିଭଳି ର୍‍ୟାଲି, ଦାବୀପତ୍ର ଉପସ୍ଥାପନ ମାଧ୍ୟମରେ ଗଣ ମାଧ୍ୟମ ଏବଂ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଏକ ସ୍ୱାଭାବିକ ଉପାୟ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୋଟିଏ ଦୃଷ୍ଟିରୁ ଏହା ମଧ୍ୟ ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ଆମ ଗଣତନ୍ତ୍ର ଯେ ସକ୍ରିୟ ଏବଂ ଆମେ ସମସ୍ତେ ଯେ ସଚେତନ କମ୍ ସେ କମ୍ ବିଧାନସଭା ଅଧିବେଶନ ସମୟରେ ଯେ କେହି ଅନୁଭବ କରିବେ । କିନ୍ତୁ ସରକାର ଯଦି ସ୍ୱଭାବସୁଲଭ ଢଙ୍ଗରେ ପଞ୍ଚାୟତ ସେକ୍ରେଟେରୀମାନଙ୍କର ଏତାଦୃଶ ଆଚରଣକୁ ଏକ ସ୍ୱାଭାବିକ ଦୃଷ୍ଟି ଆକର୍ଷଣକାରୀ ମାଧ୍ୟମ କହି ଏଡ଼ାଇ ଯିବେ ଏବଂ ସେମାନଙ୍କର ଦାବୀପ୍ରତି ଯଥାପୂର୍ବ ଉଦାସୀନ ରହିବେ ତେବେ ତାହା ଗଣତନ୍ତ୍ର ପ୍ରତି ଆସନ୍ନ ବିପଦର ସୂଚନା ଦେବ ସିନା, ତାହାକୁ ସକ୍ରିୟ କରିବ ନାହିଁ ।

କାରଣ, ଗତ ବିଧାନସଭା ଅଧିବେଶନ ସମୟରେ ଦଳମତ ନିର୍ବିଶେଷରେ ୩,୦୦୦ରୁ ଅଧିକ ପଞ୍ଚାୟତ ସେକ୍ରେଟେରୀ ଅନୁରୂପ ଏକ ର୍‍ୟାଲି ରେ ଆସିଥିଲେ । ମୁଖ୍ୟମନ୍ତ୍ରୀ ଏବଂ ଗୋଷ୍ଠୀ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀଙ୍କୁ ସାକ୍ଷାତକରି ତାଙ୍କର ଦାବୀ ସମ୍ବଳିତ

## ଆମଘରର ହାଲଚାଲ

**ସୌମ୍ୟରଞ୍ଜନ ପଟ୍ଟନାୟକ**

ସ୍ମାରକପତ୍ର ଉପସ୍ଥାପନ କରିଥିଲେ । ମୁଖ୍ୟମନ୍ତ୍ରୀ ଦାବୀଗୁଡ଼ିକ ସହାନୁଭୂତିର ସହ ବିଚାର କରି ଶୀଘ୍ର ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ଦେବା ସଙ୍ଗେ ସଙ୍ଗେ ରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏ ସଂପର୍କରେ ବିଶଦ୍ ଆଲୋଚନା କରାଯିବ ବୋଲି କହିଥିଲେ । ଇତି ମଧ୍ୟରେ ରାଷ୍ଟ୍ରମନ୍ତ୍ରୀ ଏବଂ ଉପମନ୍ତ୍ରୀ ତାଙ୍କର ବିଭାଗୀୟ ସଚିବମାନଙ୍କ ସହିତ ଏବଂ ଗ୍ରାମପଞ୍ଚାୟତ ସେକ୍ରେଟେରୀ ସଂଘର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା ମଧ୍ୟ କରିଛନ୍ତି । କିନ୍ତୁ ଏ ସବୁ ଆଲୋଚନା ସତ୍ତ୍ୱେ ସେପରି କୌଣସି ଗ୍ରହଣଯୋଗ୍ୟ ନିଷ୍ପତ୍ତି କିମ୍ବା ସମାଧାନର ପନ୍ଥା ନିରୂପିତ ହୋଇ ପାରିନାହିଁ । ଫଳରେ ପଞ୍ଚାୟତ ସେକ୍ରେଟେରୀମାନେ ଅଗତ୍ୟା ପୁନରାୟ ରାଜଧାନୀର ଦାଣ୍ଡକୁ ନିଜ ଦାବୀ ହାସଲ କରିବା ପାଇଁ ଅଣ୍ଟାଭିଡ଼ି ଆଗେଇ ଆସିଛନ୍ତି ।

ବର୍ତ୍ତମାନ ପ୍ରଶ୍ନ ହେଲା, ସେକ୍ରେଟେରୀମାନଙ୍କର ଦାବୀଗୁଡ଼ିକ ଯୁକ୍ତିଯୁକ୍ତ କି ? ଯଦି ଯୁକ୍ତିଯୁକ୍ତ ତାହାହେଲେ ସେଗୁଡ଼ିକୁ ଗ୍ରହଣ କରିନେବାରେ ଅସୁବିଧା କେଉଁଠି ? ଖୋଦ୍ ପ୍ରଧାନମନ୍ତ୍ରୀ ସାରା ଦେଶରେ ପଞ୍ଚାୟତରାଜକୁ ଅଧିକ ମାନ୍ୟତା ଦେଇ ଏହାର ବିସ୍ତୃତି ସପକ୍ଷରେ ଯୁକ୍ତି ବାଢୁଥିବା ବେଳେ ପଞ୍ଚାୟତ ରାଜ ବ୍ୟବସ୍ଥାର ଏକମାତ୍ର ସ୍ଥାୟୀଭିତ୍ତିଭୂମି ଗ୍ରାମପଞ୍ଚାୟତ ସେକ୍ରେଟେରୀମାନଙ୍କ ପ୍ରତି ଏତାଦୃଶ ଉଦାସୀନତା କେବଳ ଯେ ଗ୍ରହଣୀୟ ହେଉନାହିଁ ସେତିକି ନୁହେଁ ଅସଙ୍ଗତ ମଧ୍ୟ । ପ୍ରଧାନମନ୍ତ୍ରୀଙ୍କ ନୂତନ ନୀତି ଦୃଷ୍ଟିରୁ ଗ୍ରହଣୀୟ ହେଲେ ମଧ୍ୟ ସମ୍ବଳ ଦୃଷ୍ଟିରୁ ସେମାନଙ୍କ ଦାବୀ ଗ୍ରହଣ ସମ୍ଭବ ହେଉ ନାହିଁ ବୋଲି ସାଂପ୍ରତିକ ପରିସ୍ଥିତିରେ ରାଜ୍ୟ ସରକାର ଯୁକ୍ତି ବାଢ଼ିପାରନ୍ତି ।

କିନ୍ତୁ ଆଲୋଚନା କରିବାକୁ ଲାଜ ଲାଗୁଛି, ଏବେବି ଆମ ବ୍ୟବସ୍ଥାରେ ପଞ୍ଚାୟତ ସେକ୍ରେଟେରୀ ନାଆଁରେ ଏଭଳି ସରକାରୀ କର୍ମଚାରୀ ଅଛନ୍ତି ଯେଉଁମାନେ ମାସିକ ୧୦୦ ରୁ ୨୫୦ ଟଙ୍କା ପାରିଶ୍ରମିକ ପାଉଛନ୍ତି । ଗତ ୨ ବର୍ଷ ତଳେ ଏହା କାଳେ ମାତ୍ର ମାସିକ ୩୦ ଟଙ୍କା ଥିଲା । ବର୍ତ୍ତମାନର ସରକାର ଅବଶ୍ୟ ଏହାକୁ ୩୦ ଟଙ୍କାରୁ ୧୦୦ ଟଙ୍କାକୁ ବୃଦ୍ଧି କରି ଧନ୍ୟବାଦର ପାତ୍ର ହୋଇଥିଲେ । ମାତ୍ର ଆମ ବିଚାରରେ ଏହା ସମସ୍ୟାକୁ ଅଧିକ ଜଟିଳ କଲା ସିନା ସମାଧାନ କଲା ନାହିଁ । କାରଣ କୌଣସି କର୍ମଚାରୀଙ୍କ ଦରମାକୁ ଦୁଇଗୋଟି କାରଣରୁ ବିଚାର କରାଯାଇ ପାରେ । ପ୍ରଥମେ କାର୍ଯ୍ୟ ଅନୁସାରେ ଏହା 'ସମାନ କାର୍ଯ୍ୟକୁ ସମାନ ଦରମା' ନ୍ୟାୟରେ ପାରିଶ୍ରମିକର ନିର୍ଣ୍ଣାୟକ ହୋଇଥାଏ ଓ ଦ୍ୱିତୀୟରେ ଅନ୍ୟ କର୍ମଚାରୀଙ୍କ କାର୍ଯ୍ୟ ତୁଳନାରେ ସଂପୃକ୍ତ କର୍ମଚାରୀଙ୍କ ସ୍ୱାଭିମାନ ଓ ସ୍ୱୀକୃତିର ମାପକାଠି ହୋଇଥାଏ । ଏ ଦୁଇଟି ଦୃଷ୍ଟିରୁ ସେମାନେ ମଲିମୁଣ୍ଡିଆ ବୋଲି ଗ୍ରାମପଞ୍ଚାୟତ ସେକ୍ରେଟେରୀମାନଙ୍କ ପ୍ରତି ଅବହେଳା କରାଯାଉଛି ବୋଲି କହିବାକୁ ହେବ ।

ଗ୍ରାମ ପଞ୍ଚାୟତ ଅଫିସ୍‌ରେ ଅମଲାତାନ୍ତ୍ରିକ ବ୍ୟବସ୍ଥା ବୋଲି ଯଦି କିଛି ଥାଏ, ତା'ହେଲେ ଏହି ସେକ୍ରେଟେରୀମାନେ ହେଲେ ତା'ର ଏକମାତ୍ର ଧାରକ ଓ ବାହକ । ସେହିପରି ଆଜି ଆମର ସର୍ବନିମ୍ନ ମଜୁରୀ ୧୨ ଟଙ୍କା ହୋଇଥିବା ବେଳେ କେଉଁ ନ୍ୟାୟରେ ସେମାନଙ୍କୁ ମାସିକ ୧୦୦ ରୁ ୨୫୦ ଟଙ୍କା ଦିଆଯିବା କଥା ସ୍ଥିର କରାଯାଉଛି ? ଏପରି ଅସମ୍ମାନ ଅପେକ୍ଷା ମୂଳରୁ କିଛି ନ ଦେଇ ସେମାନଙ୍କୁ ସ୍ୱେଚ୍ଛାସେବୀ ଭାବେ ଗ୍ରହଣ କଲେ ଅଧିକ ସମୀଚୀନ ଏବଂ ସମ୍ମାନଜନକ ହୁଅନ୍ତା ।

ଆମ ବିଚାରରେ ଯଦି ସରକାରଙ୍କର ସମ୍ବଳ ନାହିଁ, ତା'ହେଲେ ଗ୍ରାମାଞ୍ଚଳ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଏବଂ ବିକାଶମୂଳକ କାର୍ଯ୍ୟକ୍ରମରେ ପଞ୍ଚାୟତ ସେକ୍ରେଟେରୀମାନଙ୍କୁ ସଂପୃକ୍ତ କରାଯାଉ ଏବଂ ସେମାନଙ୍କ ପାଇଁ ଅଧିକ କାମ ସୃଷ୍ଟି କରାଯାଉ ଏବଂ ବିକାଶମୁଖୀ ଯୋଜନା ଅନ୍ତର୍ଗତ ସମ୍ବଳରୁ କିଛି ସେମାନଙ୍କର ସମ୍ମାନ ଏବଂ ସ୍ୱାଭିମାନ ଫେରେଇ ଆଣିବାରେ ବିନିଯୋଗ କରାଯାଉ । ତା' ନହେଲେ ପ୍ରତି ଗ୍ରାମରେ ଆମର ଏହି ମୁଖ୍ୟ ଓ ପ୍ରଥମ ଅମଲାଟି ସଦା ଅସନ୍ତୁଷ୍ଟ ଓ ଅସହଯୋଗୀ ଏବଂ ଅନାବଶ୍ୟକ ହୋଇ ରହିବ । ଏ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କର ଆହ୍ୱାନ ଓ ପଞ୍ଚାୟତରାଜର ପ୍ରତିଷ୍ଠା କିପରି ସମ୍ଭବ ହେବ ?